ଟିକି ଫୁଲଟିର ବାସ

ପବନ ଭଅଁର   ମହୁମାଛି ଏକ
ମିଳିଲେ ଏକାଠି ଦିନେ,
ଟିକି ଫୁଲଟିଏ   ମନ କଥା ତା'ର
କହିଲା ତାଙ୍କରି କାନେ ।

5UBA57

ଜଗତ କରତା   କେତେ ଆଦରରେ
ଆଣିଲେ ଏଠାକୁ ମୋତେ,
ସାନଟିରୁ ଆଣି   ବଡ଼ଟିଏ କଲେ
କେତେ ଯତନରେ ସତେ ।

ଭାବନା ତାଙ୍କର   ଅଟଇ ଅପାର
କିଏ ବା ପାରିବ କଳି,
ତାଙ୍କ ମନ ଜାଣି   କରମ କରିଲେ
ଦିଅନ୍ତି କରୁଣା ଢାଳି ।

ନିତି ମୁଁ ଡାକଇ   ଭକତି ଅନ୍ତରେ
ହେ ପ୍ରଭୁ ପରମେଶ୍ୱର,
ଯେଉଁ ବାସଟିକ   ମାଖି ଦେଇ ଅଛ
ପ୍ରତି ପାଖୁଡ଼ାରେ ମୋର ।

ସେହି ବାସନାକୁ   ବିତରିବା ପାଇଁ
ଦିଅ ମୋ ମନରେ ବଳ,
ତୋଷି ଜନ ମନ   ହୋଇବି ମୁଁ ଧନ୍ୟ
ଜୀଇଁଥିବି ଯେତେ କାଳ ।

ଆସ ଜାଣିବା କେତୋଟି ନୂଆ ଶବ୍ଦ

ଅପାର	ବିତରିବା	କଳି	ବାସ	ମାଖି
ଭକତି	କାଳ	ଧନ୍ୟ	ଅନ୍ତର	ପରମେଶ୍ୱର

ଶିକ୍ଷକଙ୍କପାଇଁ ସୂଚନା

- ଟିକିଫୁଲଟି ହେଲେ ମଧ୍ୟ ସେ ନିଜକୁ ତୁଚ୍ଛ ମନେ କରୁନାହିଁ । ସେହିପରି ହେବାକୁ ପିଲାଙ୍କୁ ଧାରଣା ଦେବେ ।
- ଟିକି ଫୁଲପରି ସଂସାରର ମଙ୍ଗଳପାଇଁ ନିଜକୁ ଉତ୍ସର୍ଗ କରିବାକୁ ଉପଦେଶ ଦେବେ ।
- ଭିନ୍ନଭିନ୍ନ ପ୍ରକାରର ଫୁଲ ବିଷୟରେ ଧାରଣା ଦେବେ ।
- ଫୁଲ ମଧ୍ୟରେ ସୁବାସ ସହିତ ମହୁ ଥାଏ, ଏକଥା କହିବେ ।

୧. ଆସ କବିତାରୁ ଉତ୍ତର ଖୋଜିବା ଓ କଥାବାର୍ତ୍ତା ହେବା ।

(କ) ଫୁଲ ସହିତ କେଉଁମାନଙ୍କର ଦେଖା ହେଲା ?

(ଖ) ଭଅଁର ଓ ମହୁମାଛିଙ୍କୁ କିଏ ମନକଥା କହିଲା ?

(ଗ) ଭଗବାନ କେଉଁ କାମଟିକୁ ଭଲ ପାଆନ୍ତି ?

(ଘ) ଭକତି ଅନ୍ତରେ କିଏ ପରମେଶ୍ୱରଙ୍କୁ ଡାକୁଥିଲା ?

(ଙ) ଫୁଲ କ'ଣ ବିତରିବା ପାଇଁ ଚାହୁଁଅଛି ?

୨. ଆସ ପଦ୍ୟ ରୂପକୁ ଗଦ୍ୟରେ ପ୍ରକାଶ କରି ଖାଲି କୋଠରିରେ ଲେଖିବା ।

ପଦ୍ୟ ରୂପରେ	ଗଦ୍ୟ ରୂପରେ
ଯତନ	ଯତ୍ନ
କରମ	
ଭକତି	
ଧରମ	
ପରାଣ	
କରତା	

୩. ପ୍ରଜାପତିର ବାମପଟ ଡେଣାରେ ଥିବା ଶବ୍ଦ ଓ ତା'ର ବିପରୀତ ଅର୍ଥବୋଧକ ଶବ୍ଦକୁ ଡାହାଣପଟ ଡେଣାରୁ ବାଛି ତଳ କୋଠରିରେ ଲେଖ।



ଭିତର ବାହାର

୪. ତଳ କୋଠରିରେ ଥିବା ଅକ୍ଷରଗୁଡ଼ିକୁ ନେଇ ଦୁଇ ଅକ୍ଷର ଓ ତିନି ଅକ୍ଷର ବିଶିଷ୍ଟ ଶବ୍ଦ ଗଢ଼ । ଦେଖ, ଏ ଶବ୍ଦଗୁଡ଼ିକରୁ କେତୋଟି ପଠିତ କବିତାରେ ଅଛି ।

କ	ମା	ଲ	ଜ
ଳି	ଫୁ	ତା	ଗ
ବା	ସ	ନା	ତ
ଟ	କ	ରୁ	ଣା

୫. ପଦ୍ୟର ତୃତୀୟ ପଦରେ ଥିବା 'କଳି' ଶବ୍ଦ ସହିତ ଯେପରି 'ଢଳି' ମିଶୁଛି, ସେଇପରି ଆଉ ଦୁଇଟା ଲେଖାଏଁ ଶବ୍ଦ ଲେଖ ଯାହାର ଦ୍ୱିତୀୟ ଅକ୍ଷର 'ଳି' ହୋଇଥିବ ।

ଯେପରି : ତାଳି, ଥାଳି

____

____

୬. ଯେଉଁ ପଦରେ ବାସନା ବିତରିବା କଥା କୁହାଯାଇଛି, ସେହି ପଦଟିକୁ ମନେ ପକାଇବା ଓ ଲେଖିବା ।

______________ ______________

____

______________ ______________

____

୭. ପ୍ରଶ୍ନଗୁଡ଼ିକୁ ଭଲ ଭାବରେ ପଢ଼ି ଉତ୍ତରଗୁଡ଼ିକ ପୂର୍ଣ୍ଣ ବାକ୍ୟରେ ଲେଖିବା ।

(କ) ଟିକି ଫୁଲଟି କାହାକୁ ନିଜ ମନର କଥା କହୁଥିଲା ?

ଉ : ____________________

(ଖ) ଫୁଲଟି ଜୀଇଁଥିବା ଯାଏ କ'ଣ କରିବାକୁ ଚାହେଁ ?

ଉ : ____________________

(ଗ) ''କେତେ ଆଦରରେ ଆଣିଲେ ଏଠାକୁ ମୋତେ'' – ଏହା କିଏ କହିଛି ଓ କାହାକୁ କହିଛି ?

ଉ : ____________________

୮. ତୁମେ ଯଦି ଫୁଲଟିଏ ହୋଇଥାଆନ୍ତ, ତେବେ ତୁମେ କ'ଣ କରିବାକୁ ଇଚ୍ଛା କରିଥାଆନ୍ତ ? ପାଞ୍ଚଟି ଧାଡ଼ିରେ ଲେଖ ।

____

____

____

____

____

୯. ତଳେ ଦିଆଯାଇଥିବା ଫୁଲଗୁଡ଼ିକର ଚିତ୍ରରେ ରଙ୍ଗ ଦିଅ ।